# ଟିକ୍‌ଟକ୍ ସମେତ ୫୯ଟି ଆପ୍ ବ୍ୟାନ୍

## ଭାରତ-ଚୀନ ତୃତୀୟ ପର୍ଯ୍ୟାୟ କମାଣ୍ଡରସ୍ତରୀୟ ଆଲୋଚନା ଆଜି

ନୂଆଦିଲ୍ଲୀ, ୨୯।୬/ଏଜେନ୍ସି :

ଭାରତ-ଚୀନ୍ ସୀମା ବିବାଦକୁ ନେଇ ଯୁଦ୍ଧ ପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ସାଧାରଣ ଭାରତୀୟଙ୍କ ଠାରୁ ଆରମ୍ଭ କରି ସରକାରୀ କଳ ସମସ୍ତେ ଏବେ ଚୀନ୍ ବିରୋଧୀ ହୋଇପଡ଼ିଛନ୍ତି ।

ପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ବିଭିନ୍ନ କମ୍ପାନୀ ଚାଇନା କମ୍ପାନୀମାନଙ୍କ ସହ ହୋଇଥିବା ବ୍ୟବସାୟିକ ଚୁକ୍ତି ବାତିଲ କରିଥିବା ବେଳେ ବିଭିନ୍ନ ରାଜ୍ୟମାନଙ୍କ ପକ୍ଷରୁ ମଧ୍ୟ ସମାନ ପଦକ୍ଷେପ ନିଆଯାଇଛି । ତେବେ ସୋମବାର କେନ୍ଦ୍ର ସରକାର ଭାରତରେ ବହୁଳ ପ୍ରଚଳିତ ଟିକ୍‌ଟକ୍ ଆପସ୍ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଉପଯୋଗ ହେଉଥିବା ୫୯ଟି ଚାଇନା ଆପସ୍ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏଗୁଡିକ ମୋବାଇଲ ଫୋନ୍ ଠାରୁ ଆରମ୍ଭ କରି ଇଣ୍ଟରନେଟ୍ ଆଧାରିତ ସରଞ୍ଜାମରେ ଅଧିକାଂଶ ଭାବେ ବ୍ୟବହୃତ ହେଉଥିବା ବେଳେ ସାଂପ୍ରତିକ ସ୍ଥିତିରେ ଭାରତୀୟ ତଥ୍ୟ ଏବଂ ଗୋପନୀୟତାକୁ ନେଇ ଏହି ଆପସ୍‌ଗୁଡିକ ମାଧ୍ୟମରେ ବିପଦ ସୃଷ୍ଟି ହେବାର ଆଶଙ୍କ ରହିଛି ବୋଲି କେନ୍ଦ୍ର ସରକାର ଅନୁଭବ କରିଛନ୍ତି । ଯାହାକୁ ନେଇ କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍‌ର ଧାରା ୬୯(କ) ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଏହି ମୋବାଇଲ ଆପ୍‌ଗୁଡିକୁ ବ୍ଲକ୍ କରିବା ପାଇଁ ଫୋନ୍ କମ୍ପାନୀଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଗତ ଶନିବାର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲାଙ୍କ ସୁପାରିଶ କ୍ରମେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାକୁ ସ୍ୱୀକୃତି ଦେବା ପରେ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ସୋମବାର ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ମୋବାଇଲ ଆପ୍‌ଗୁଡିକ ଜରିଆରେ ଚୀନ୍ ସୀମା ପରିସ୍ଥିତି ନେଇ ଭାରତ ବିରୋଧରେ ଅପପ୍ରଚାର ଚଳାଉଥିଲା । ଏ ସମ୍ପର୍କରେ ଜନସାଧାରଣଙ୍କ ଠାରୁ ଅଭିଯୋଗ ମିଳିବା ପରେ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି ।

ଲଦାଖରେ ଭାରତ-ଚୀନ୍ ସେନା ମୁହାଁମୁହିଁ ଅବସ୍ଥାରେ ଥିବା ବେଳେ ଉତ୍ତେଜନା ହ୍ରାସ ଲାଗି ଦୁଇ ଦେଶ ମଧ୍ୟରେ ସାମରିକ ଓ କୂଟନୈତିକସ୍ତରୀୟ ଆଲୋଚନା ଜାରି ରହିଛି । ପୂର୍ବରୁ ଦୁଇପକ୍ଷ ମଧ୍ୟରେ ଦୁଇଥର ଆଲୋଚନା ହୋଇଥିବା ବେଳେ ମଙ୍ଗଳବାର ସେନା କମାଣ୍ଡର ସ୍ତରରେ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ସୀମା ପରିସ୍ଥିତି ସମ୍ପର୍କରେ ମିଥ୍ୟା ପ୍ରଚାର କରୁଥିବା ଚୀନ୍‌ର ୫୯ଟି ମୋବାଇଲ ଆପ୍‌କୁ ଭାରତ ବ୍ୟାନ୍ କରିଛି ।



ପୂର୍ବରୁ ଭାରତ-ଚୀନ୍ କମାଣ୍ଡରସ୍ତରୀୟ ଆଲୋଚନା ଜୁନ୍ ୬ ଓ ଜୁନ ୨୨ରେ ପ୍ରକୃତ ନିୟନ୍ତ୍ରଣ ରେଖା ସେପଟେ ଥିବା ମୋଲଡୋ ଠାରେ ଅନୁଷ୍ଠିତ ହୋଇଥିଲା ବେଳେ ମଙ୍ଗଳବାର ହେବାକୁ ଥିବା ଆଲୋଚନା ନିୟନ୍ତ୍ରଣରେଖାର ଭାରତୀୟ ସୀମା ପାର୍ଶ୍ୱରେ ଥିବା ଚୁସୁଲ ଠାରେ ଅନୁଷ୍ଠିତ ହେବ । ଉତ୍ତେଜନା ହ୍ରାସ ପାଇଁ ଗତ ୬ ତାରିଖ ଦିନ ଦୁଇଦେଶର କମାଣ୍ଡରସ୍ତରୀୟ କଥାବାର୍ତ୍ତା ଅନୁଷ୍ଠିତ ହୋଇଥିଲା । ଏଥିରେ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ଓ ଉତ୍ତେଜନା ହ୍ରାସ ପାଇଁ ଦୁଇପକ୍ଷ ରାଜି ହୋଇଥିଲେ ଏବଂ ସେନା ପ୍ରତ୍ୟାହାର କରିନେବାକୁ ଦୁଇଦେଶ ସମ୍ମତ ହୋଇଥିଲେ । ଏହି ବୈଠକରେ ଭାରତୀୟ ସେନାର ୧୪-କୋର୍ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ହରିନ୍ଦର ସିଂ ଓ ଚୀନ୍ ତରଫରୁ ମେଜର ଜେନେରାଲ ଲିଉ ଲିନ୍ ଯୋଗ ଦେଇଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ଗତ ୯ ତାରିଖରେ ଚୀନ୍ ଓ ଭାରତ ସେନା ପଛକୁ ଫେରିଥିଲେ । ତେବେ ୧୫ ତାରିଖ ରାତିରେ ଏହି ବୁଝାମଣାକୁ ଭ୍ରୁକ୍ଷେପ ନକରି ଚୀନ୍ ସେନା ପୁଣି ଅନୁପ୍ରବେଶ ପାଇଁ ଉଦ୍ୟମ କରିବାରୁ ଦୁଇ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା । ସେହିପରି ୨୨ ତାରିଖରେ ହୋଇଥିବା ବୈଠକରେ ସେନା ପଛକୁ ଫେରାଇବାକୁ ଦୁଇଦେଶ ସମ୍ମତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସଫଳତା ମିଳିନାହିଁ । ବରଂ ଦୁଇ ଦେଶର ପକ୍ଷରୁ

▶▶ ୭